ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଅକ୍ଟୋବର ୨୭

# ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱ


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଶିଶୁର ଶାରୀରିକ ତଥା ବୌଦ୍ଧିକ ବିକାଶ ମା'ର ଗର୍ଭରୁ ପ୍ରାରମ୍ଭ କରି ତା'ର ସ୍ୱାସ୍ଥ୍ୟ, ଖାଦ୍ୟ ଏବଂ ପରିବେଶ ଉପରେ ନିର୍ଭର କରିଥାଏ । ତେଣୁ ମା'ମାନେ ନିଜ ଶିଶୁର ସନ୍ତୁଳିତ ଖାଦ୍ୟପେୟ ଓ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଥାଆନ୍ତି । ହେଲେ ଶିଶୁଙ୍କର ରୋଗ ପ୍ରତିରୋଧକ ଶକ୍ତି କମ ଥିବାରୁ ସେମାନଙ୍କୁ ଜୀବାଣୁ, ଭୂତାଣୁ ଓ ପରିବେଶ ଜନିତ ରୋଗ ଶୀଘ୍ର ସଂକ୍ରମିତ କରିଥାଏ । ଅସୁସ୍ଥତା ଅନୁଭବ କଲେ ବି ସେମାନେ କହିପାରନ୍ତି ନାହିଁ । ଆଉ କିଛି ସ୍ୱାସ୍ଥ୍ୟ ସମସ୍ୟାକୁ ପିତାମାତା ମଧ୍ୟ ସହଜରେ ଜାଣି ପାରନ୍ତିନି । ତେଣୁ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଜରୁରୀ ।

୧ବର୍ଷରୁ ପାଂଚ ବର୍ଷ : ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜନ୍ମ ପରେ ଏକରୁ ଦୁଇବର୍ଷ ମଧ୍ୟରେ ସମସ୍ତ ପ୍ରକାର ଟିକା ଓ ପରେ ବୁଷ୍ଟର ଡୋଜ ଦିଆଯାଏ । ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ କେତେକ ଶିଶୁଙ୍କର ହିୟରିଂ ଟେଷ୍ଟ ମଧ୍ୟ କରାଯାଇଥାଏ । ତେବେ ଟିକାରୁ ବଂ*ତ ହେଲେ ବର୍ଷେରୁ ପା* ବର୍ଷର ଶିଶୁଙ୍କୁ ଟିକା – ନିବାରକ ରୋଗ (ଭିପିଡ଼ିଏସ) ଯଥା ଡିପଥେରିଆ, ଟିଟାନସ, ପୋଲିଓ, ଟିବି, ଟାଇଫଏଡ଼, ଜଣ୍ଡିସ ଆଦି ହେବାର ଆଶଙ୍କା ଥାଏ । ତେଣୁ ଟିକାକରଣ କରିବାକୁ ଭୁଲନ୍ତୁନି । ସେହିପରି ଶିଶୁଙ୍କର ରୋପ୍ରତିରୋଧକ ଶକ୍ତି କମ ଥିବାରୁ ଶ୍ୱାସକ୍ରିୟା ଜନିତ, ଭୂତାଣୁଜନିତ ସଂକ୍ରମଣ, କୃମି, ଝାଡ଼ାବାନ୍ତି, ଅଧିକ ଦେଖାଯାଏ । ଜ୍ୱର ଲାଗି ରହି ଅକ୍ସିଜେନସ୍ତର କମିଲେ ଡାକ୍ତରଙ୍କ ପରାମର୍ଶରେ ରକ୍ତ ଓ ପରିସ୍ରା ପରୀକ୍ଷା, ଛାତି ଏକ୍ସରେ ଆଦି କରାଇ ଆବଶ୍ୟକୀୟ ଟିକା ଓ ଚିକିତ୍ସା କରାଯାଏ । ଡେଙ୍ଗୁ, ସ୍କ୍ରବ ଟାଇଫସ ଆଦି ପାଇଁ ଭିନ୍ନ ଭିନ୍ନ ପରୀକ୍ଷା ରହିଛି । ଶିଶୁର ଉଚ୍ଚତା, ଓଜନ, ବିଏମଆଇ, ରକ୍ତ ପରୀକ୍ଷା, ହୃଦପିଣ୍ଡ, ଫୁସଫୁସର ଯା* ନିୟମିତ ବ୍ୟବଧାନରେ କରିବା ଦ୍ୱାରା ସେମାନଙ୍କ ସୁସ୍ଥତା ବିଷୟରେ ଜାଣି ହୁଏ ।

ବର୍ଷକରୁ ଉର୍ଦ୍ଧ୍ୱ ପିଲାଙ୍କ ଖାଦ୍ୟ ଅରୁଚି ହେଲେ ସେମାନେ ଖାଇବା କମାଇ ଦୁର୍ବଳ ହୋଇପଡ଼ନ୍ତି । ଡାକ୍ତର ବାହୁର ଗୋଲେଇକୁ ଦେଖି ଅପପୁଷ୍ଟିର ଆକଳନ କଲେ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଏ । ଅନ୍ୟପଟେ ଅଟିଜିମ ଏକ ମସ୍ତିଷ୍କ ବିକାଶ ସମ୍ବନ୍ଧୀୟ ରୋଗ । ଦୁଇରୁ ଅଢ଼େଇ ବର୍ଷର ପିଲା ଅନ୍ୟ ପିଲାଙ୍କ ତୁଳନାରେ କଥା ଶୀଘ୍ର ଧରୁ ନଥିଲେ କିମ୍ବା ଯୋଗାଯୋଗ କରିପାରୁ ନଥିଲେ ପିଲା ଅଟିଜିମ କି ନାହିଁ ପରୀକ୍ଷା କରାଇବା ଆବଶ୍ୟକ ।

ଦାନ୍ତ ଓ ଚକ୍ଷୁ ପରୀକ୍ଷା : ଜନ୍ମରୁ ଛଅ ମାସ ପରେ ଦାନ୍ତ ଉଠିଥାଏ । କ୍ୟାଲସିୟମ ଅଭାବରୁ ବହୁ ଶିଶୁଙ୍କର ଦାନ୍ତ ଉଠିବା ବିଳମ୍ବ ହୁଏ । ଭଲ କରି ଦାନ୍ତ ନଘଷିବା ଦ୍ୱାରା ପିଲାଙ୍କ ଦାନ୍ତ ଜନିତ ସମସ୍ୟା ଦେଖାଯାଏ । ତେଣୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ପିଲା ଛଅ ମାସକୁ ଥରେ ଦାନ୍ତ ପରୀକ୍ଷା କରାଇବା ସହ ଚକ୍ଷୁ ପରୀକ୍ଷା କରାଇବା ଆବଶ୍ୟକ ।

୫ରୁ ୧୦ ବର୍ଷ : ଆଜିକାଲି ପିଲାମାନେ ମୋବାଇଲରେ ଅଧିକ ସମୟ ବିତାଉଛନ୍ତି । ଅନିୟମିତ ଜୀବନ ଶୈଳୀ, ଖାଦ୍ୟପେୟ ତଥା ଶାରୀରିକ କ୍ରିୟାରେ ଅଭାବ ହେତୁ ମେଦବହୁଳତା, ଚିଡ଼ିଚିଡ଼ାପଣ, କୋଲେଷ୍ଟ୍ରଲସ୍ତର ବୃଦ୍ଧି ପାଉଛି । ତେଣୁ ଶିଶୁଙ୍କର ରକ୍ତ ପରୀକ୍ଷା, ଲପିଡ଼ି ପ୍ରୋଫାଇଲ ଟେଷ୍ଟ, ବେଳେ ବେଳେ ହରମୋନ ଟେଷ୍ଟ ଆଦି ପରୀକ୍ଷା ନିୟମିତ ବ୍ୟବଧାନରେ କରିବା ଉଚିତ । ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଗଲେ ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାଇ ପାରିବେ ।

୧୦ରୁ ୧୪ ବର୍ଷ : ଏହି ବୟସରେ ମୁଖ୍ୟତଃ ରକ୍ତହୀନତା ଦେଖାଯାଏ । ଏହାଦ୍ୱାରା ପିଲାଙ୍କ ଶାରୀରିକ ଏବଂ ମାନସିକ ବିକାଶରେ ସମସ୍ୟା ହୁଏ । ତେଣୁ ହିମୋଗ୍ଲୋମିନ, ସିବିସି, ମଳ, ରକ୍ତର ଲୌହସାର ମାତ୍ରା, ଭିଟାମିନ ଡି ଏବଂ ବି-୧୨ର ପରୀକ୍ଷା, ନିୟମିତ ବ୍ୟବଧାନରେ କରିବା ଆବଶ୍ୟକ ।

ଥାଇରଏଡ଼ ଓ କିଡ଼ନୀ ଫଙ୍କସନ ଟେଷ୍ଟ : ଜନ୍ମରୁ ସାତ ଦିନ ଭିତରେ ସମୟ ପୂର୍ବରୁ ଏବଂ କମ ଓଜନର ଶିଶୁଙ୍କ ପାଇଁ ଥାଇରଏଡ ପରୀକ୍ଷା କରାଯାଏ । ସାଧାରଣ ଶିଶୁଙ୍କର ଓଜନ ବଢୁ ନଥିଲେ, ଝାଡ଼ା ଠିକ ନ ହେଲେ, ଥାଇରଏଡ଼ ପରୀକ୍ଷା ମଧ୍ୟ କରାଯାଏ । ସ୍ୱାସ୍ଥ୍ୟ ପରୀକ୍ଷା ସମୟେ ଯେଉଁ ଶିଶୁଙ୍କର ମୁହଁ, ଗୋଡ଼, ହାତ ଫୁଲିଥାଏ ସେମାନଙ୍କର କିଡ଼ନୀ ଫଙ୍କସନ ଟେଷ୍ଟ କରାଯାଇ ଡାକ୍ତରଙ୍କ ପରାମର୍ଶ ନିଆଯାଏ । ପରିବାରରେ କାହାକୁ ଶ୍ୱାସ ସମସ୍ୟା ଥିଲେ ସେହି ପରିବାରର ଶିଶୁଙ୍କର ଶ୍ୱାସ ତଥା ଅନ୍ୟାନ୍ୟ ରୋଗ ଚିହ୍ନଟ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ନିହାତି ଆବଶ୍ୟକ ।

ଉପରୋକ୍ତ ସମସ୍ତ ପରୀକ୍ଷା ରାଜ୍ୟ ସରକାରଙ୍କ ସମସ୍ତ ଡାକ୍ତରଖାନା ଓ ଶିଶୁ ଭବନରେ ବିନା ମୂଲ୍ୟରେ ଶିଶୁ ମାନଙ୍କ ପାଇଁ ଉପଲବ୍ଧ ହେଉଛି ଏହାର ସୁଯୋଗ ନିଅନ୍ତୁ । ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ବିଶେଷକରି ଶିଶୁ ସ୍ୱାସ୍ଥ୍ୟ ବିଭାଗ କ୍ଷେତ୍ରରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଏହି ପରୀକ୍ଷା ଆପଣଙ୍କ ପିଲାଟି ପାଇଁ ଅନେକ କ୍ଷେତ୍ରରେ ଉପଯୋଗୀ ଓ ସହାୟକ ସାବ୍ୟସ୍ତ ହୋଇଥାଏ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ,
ବାଲେଶ୍ୱର

# କଳ୍ପିତ ଅସୁର ଚେହେରା ଏବେ ମାନବ ରୂପ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆଇମାର କାହାଣୀରେ ବୁଢ଼ୀ ଅସୁରୁଣୀର ରୂପ ବର୍ଣ୍ଣନା ତାର ଚରିତ୍ର ସ୍ୱଭାବ ଭୋଜନ ଶୈଳୀ କାର୍ଯ୍ୟଶୈଳୀ, ଶୁଣି ମୋ ପରି ତତ୍କାଳ ପିଲାମାନେ ଭୟାତୁର ହୋଇ ଯାଉଥିଲୁ । ଆମର ଯେତେବେଳେ ବୟସ ବଢ଼ିଲା ଆମ ମନୋରଞ୍ଜନ ପାଇଁ କେତେ ସୁଆଙ୍ଗ ତାମସା ପାଲା ଦାସକାଠିଆ, ଘୋଡ଼ାନାଚ, ଗଣନାଟ୍ୟ ଦେଖିବା ଆଗ୍ରହ ଆସିଲା । ରାମଲୀଳା ଗଣନାଟ୍ୟରେ ଯେତେବେଳେ ସୂର୍ପନଖାର ଅଭିନୟ ଦୃଶ୍ୟ ଆସୁଥିଲା ସେତେବେଳେ ଏକ ନାରୀର ସତ୍ୟରୂପ ଓ ଅସତ୍ୟରୂପ ରହିଛି । ପ୍ରକୃତ ରୂପ, ମାୟାରୂପ ଛଳନା ଭରି ରହିବା ବୋଧ ହେଲା, ସେ ଧନ୍ୟାଢ଼୍ୟ ବିବାହିତା ରୂପସୀ ଯୁବତୀ ଯୁବକ ଖୋଜିବା ସହିତ ଏକାନ୍ତ ବନଭୂମି ବାଛି ରାମ ଲକ୍ଷ୍ମଣଙ୍କୁ ଫସାଇବା ଉଦ୍ୟମ କରିଛି । ମୁଖଲଜ୍ୟା ସରମ ତାର ନଥିଲା, ନାକକାଟ ମାନେ କ'ଣ ? କାହାକୁ ବିଶ୍ରୀମୁଖ ଦେଖାଇ ହେବନାହିଁ, ଏପରି ଦଣ୍ଡ ପାଇଲାପରେ ବଦଲା ଚିନ୍ତାଧାରା ଆସିଛି । ତାର ଏପରି ଚରିତ୍ର ଯେ ରାଜଅଭୟ ପ୍ରାପ୍ତ ବା ରାଜ କାନୁନକୁ ସ୍ୱସ୍ୱାର୍ଥ ପାଇଁ ଭୁଲ ମାର୍ଗରେ ନେବା ଲୋକଟିଏ ନିଜର ଉଦ୍ଦେଶ୍ୟ ସିଦ୍ଧି ପାଇଁ ଉଦ୍ୟମ ବ୍ୟର୍ଥ ହୋଇ ଯାଇ କରିତ କର୍ମର ଦଣ୍ଡ ଭୋଗର ଅବଶୋଷ ନକରି ପ୍ରତିହିଂସା ପରାୟଣ ହୋଇ ରାଜଦରବାରରେ ରାଜ ଆଗରେ ଭୁଲ ବୟାନ ଦେଇଛି । ଅଭିଯୋଗ ସତ୍ୟାସତ୍ୟ ପ୍ରକୃତ ତଥ୍ୟ କଣ ନଜାଣି ରାଜା ତାର ପ୍ରଜାକୁ ତାର ଲୋକକୁ ଦଣ୍ଡ ଦେଇଥିବା ବ୍ୟକ୍ତିକୁ ତଳି ତଳାନ୍ତ, ସର୍ବନାଶ, ମାନସିକତା ମନରେ ଆଣି, ସୀତା ଅପହରଣ କରିଛନ୍ତି । ରାବଣ ସେହିଁ ରାଜା ତାଙ୍କ ଦଶମଥା, ଯାହାର ଅର୍ଥଏକ ତଥ୍ୟକୁ ଦଶ ଦିଗରୁ ବିଚାର କରି ନିର୍ଣ୍ଣାୟକ ସ୍ଥଳରେ ପହ* ପାରନ୍ତି, କିନ୍ତୁ ରାଜା କ'ଣ ଚୋରୀ କରନ୍ତି ? ରାଜା କ'ଣ ଡାକୁଗିରି କରନ୍ତି ? ଯଦି ଏଇଭଳି ଭାବନା ରାଜାର ରହେ ତେବେ ପ୍ରଜା, ବିଦେଶୀ, ପରିବ୍ରାଜକ ମାନଙ୍କର ସେ ରାଜା ରାଜ୍ୟରେ କ'ଣ ବିଶ୍ୱାସ ରହିବକି ? ସେ ରାଜ୍ୟରେ ରହିବ କିଏ ? ବାହାରୁ ଆସିବ କିଏ ? ରାବଣ ଭିନ୍ନ ରାଜ୍ୟରେ ଅନୁପ୍ରବେଶ କରି ଶ୍ରୀରାମଙ୍କୁ ଦଣ୍ଡଭୋକ୍ତା କରିବାକୁ ଛାଡ଼ି ନାହାନ୍ତି । ତାଙ୍କ ପତ୍ନୀ ସୀତାଙ୍କୁ ଜୁଲମ କରି ଉଠାଇ ନେଇଛନ୍ତି । ଶ୍ରୀରାମ ଜଣେ ଭାବି ରାଜା । ସେ ଜଙ୍ଗଲ ୟୁନିଭରସିଟିରେ ପାଠ ପଢ଼ି ବିଶେଷ କୃତିବାନ, ସେ ଲଢ଼େଇ କରି ବଂ*ବା ଲୋକ । ତାଙ୍କୁ ଆହ୍ୱାନ ମିଳିଲା, ସେ ଦୀପାନ୍ତର ରାଜ୍ୟରେ ପହ* ତାଙ୍କ ପତ୍ନୀଙ୍କୁ ଉଦ୍ଧାର କରିଛନ୍ତି । ସେ ଆସୁରୀ ଶକ୍ତି ଦମନର ଆଦି ମାର୍ଗ ରଚକ ବା ପଥ ପ୍ରଦର୍ଶକ । ଆସୁରୀ ବିଦ୍ୟା, କୌଣସି ବ୍ୟକ୍ତିର ଅଧିକାରକୁ ଦଖଲ କରିବା ପାଇଁ ଏକ ଅନିତିମାର୍ଗ । ଏହା କେବେ କେମିତି ଆରମ୍ଭ ହୋଇଛି କୁହାଯାଇ ପାରୁନି । ହେଲେ ଏହାର ଶେଷ ପରିଣତି ଯେ ସଂସ୍କାରିତ ହୋଇ ହୋଇ ଚାଲୁଛି ଏକଥା ବୁଝି ହେଉଛି ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ

# ବରିଷ୍ଠଜନଙ୍କ ନିର୍ଜନତା : ବୟସଟା ଏକ ସଂଖ୍ୟା ମାତ୍ର


ଡ଼ଃ.ଅରୁନ୍ଧତୀ ଦେବୀ

ସାରା ପୃଥିବୀରେ ବୟସ୍କ ବ୍ୟକ୍ତିମାନଙ୍କର ସଂଖ୍ୟା ବଢୁଛି । ଭାରତରେ ପ୍ରତି ଦଶଜଣରେ ଜଣେ ପ୍ରବୀଣ ବା ବୃଦ୍ଧ । ୨୦୫୦ ମସିହା ବେଳକୁ ତାହା ହେବ ପ୍ରତି ପାଂ*ଜଣରେ ଜଣେ । କାରଣ ହାରାହାରି ଆୟୁ ବଢୁଛି ଏବଂ ଜନ୍ମହାର କମୁଛି । ଆମ ଦେଶରେ ଷାଠିଏ ବର୍ଷ ବୟସ ପରଠାରୁ ବ୍ୟକ୍ତିକୁ ବରିଷ୍ଠ ବା ପ୍ରବୀଣ ବୋଲି କୁହାଯାଏ । ପରିବାରରେ ସନ୍ତାନ ମାନଙ୍କର ଦ୍ୱାରା କିମ୍ବା ଚାକରବାକର ମାନଙ୍କ ଦ୍ୱାରା ବରିଷ୍ଠ ନାଗରିକମାନେ ଶାରୀରିକ ନିର୍ଯାତନା ଭୋଗୁଥିବାର ଘଟଣା ଆଜିକାଲି ଆଉ ବିରଳ ନୁହେଁ । ୨୦୨୩ ମସିହାରେ ୬୦ ବର୍ଷରୁ ଅଧିକ ବୟସର ଜନସଂଖ୍ୟା ୯.୭% ବୃଦ୍ଧି ପାଇଛି । କେରଳରେ ସର୍ବାଧିକ ୧୫.୧% ଥିବାବେଳେ ତାମିଲନାଡୁ ୧୪% ଏବଂ ହିମାଚଳ ପ୍ରଦେଶ ୧୩.୨% ରହିଛି । ଏହି ରିପୋର୍ଟ ୮୮ ଲକ୍ଷ ଲୋକଙ୍କ ସର୍ଭେ କରି ପ୍ରସ୍ତୁତ କରାଯାଇଛି । ଏଥିରେ ଜନସଂଖ୍ୟା, ପ୍ରଜନନ ଓ ମୃତ୍ୟୁହାର ଭଳି ସୂଚକ ଆଦାରରେ ତଥ୍ୟ ପ୍ରସ୍ତୁତ କରାଯାଇଛି । ଅନ୍ୟପକ୍ଷରେ ଦେଶରେ ମୋଟ ପ୍ରଜନନ ହାର ୧୯୭୧ ମସିହାରେ ୫.୨ ଥିବାବେଳେ ୨୦୨୩ ମସିହାରେ ହ୍ରାସ ପାଇ ୧.୯ ହୋଇଛି । ୧୯୭୧-୮୧ ମଧ୍ୟରେ ୦ ରୁ ୧୪ ବର୍ଷ ବୟସର ପିଲାଙ୍କ ଜନସଂଖ୍ୟା ୪୧.୨%ରୁ ହ୍ରାସ ପାଇ ୩୮.୧%ରେ ପହ*ବାବେଳେ ୧୯୯୧ରୁ ୨୦୨୩ ମଧ୍ୟରେ ୩୬.୩%ରୁ ହ୍ରାସ ପାଇ ୨୪.୨% ହୋଇଛି । ଗତ ୫୦ ବର୍ଷ ମଧ୍ୟରେ ପିଲାଙ୍କ ଅଂଶ ପ୍ରାୟ ୧୭% ହ୍ରାସ ପାଇଛି । ତେବେ ଦିଲ୍ଲୀର ଗ୍ରାମା*ଳ ବ୍ୟତୀତ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅ*ଳରେ ୦-୧୪ ବର୍ଷ ବୟସର ପୁଅଙ୍କ ସଂଖ୍ୟା ଝିଅ ମାନଙ୍କ ତୁଳନାରେ ଅଧିକ ରହିଛି । ୨୦୨୩ ମସିହାରେ ଦେଶରେ ଶିଶୁ ମୃତ୍ୟୁ ହାର ୨୫କୁ ହ୍ରାସ ପାଇଛି । ୨୦୧୩ରେ ଏହା ୪୦ ଥିବା ବେଳେ ୧୦ ବର୍ଷ ମଧ୍ୟରେ ଏହା ୩୭.୫% ହ୍ରାସ ପାଇଛି । ସେହିପରି ଗତ ୧୦ ବର୍ଷ ମଧ୍ୟରେ ଶିଶୁ ଜନ୍ମହାରରେ ୧୪ ପ୍ରତିଶତ ହ୍ରାସ ରେକର୍ଡ଼ କରାଯାଇଛି । ୨୦୧୩ରେ ଏହି ହାର ୨୧.୪ ପ୍ରତିଶତ ଥିବାବେଳେ ଏବେ ୧୮.୪ ପ୍ରତିଶତ ରହିଛି । ବୟସ ବଢ଼ିଲେ ସ୍ୱାଭାବିକ ଭାବେ ପ୍ରକାଶ ପାଏ କିଛି ଶାରୀରିକ ସମସ୍ୟା । କାନକୁ ଭଲ ଶୁଣାଯାଏନି । ଆଖିକୁ ଭଲ ଦେଖାଯାଏନି । ଭଲ ଭାବରେ ଚାଲି ହୁଏନି । ତୁମକୁ ତ କିଛି ଶୁଣାଯିବନି, ଓଲଟପାଲଟ କରି ଏଣୁତେଣୁ କହିପକେଇବ ଏହି ପ୍ରକାରର କଥା କହି ସେମାନଙ୍କୁ ମନା କରାଯାଏ ସାଙ୍ଗରେ ଯିବା ପାଇଁ । ଫଳରେ ସେହି ମଣିଷଟି କ୍ରମଶଃ ନିଜକୁ ସବୁଥିରୁ ଦୂରେଇ ରଖିବା ନିମନ୍ତେ ବାଧ ହୁଏ । ବୟସ୍କ ମାନଙ୍କୁ ଅନ୍ୟ ମାନଙ୍କ ସହିତ ମିଳାମିଶା କରିବାକୁ ବାସନ୍ଦ କଲେ ସେମାନେ କ୍ରମେ ହୋଇଉଠନ୍ତି ଅବସାଦଗ୍ରସ୍ତ । ଚିକିତ୍ସକଙ୍କ ପାଖକୁ ନେବା ନିମନ୍ତେ କେହି ଧ୍ୟାନ ନ ଦେବା ଯୋଗୁଁ ସେମାନଙ୍କ ଶାରୀରିକ ସମସ୍ୟା ଆହୁରି ବଢ଼ିଯାଏ । ତେଣୁ ପରିବାରର ବାପାମାଆ ଓ ଅଜାଆଇଙ୍କ ସହ ବିତେଇବା ପାଇଁ କିଛି ସମୟ ନିର୍ଦ୍ଦିଷ୍ଟ କରିଦେବାର ପ୍ରୟୋଜନୀୟତା ରହିଛି । ସେମାନଙ୍କ ପାଖରେ ବସି ସେମାନଙ୍କ ସହିତ ଗପସପ କରନ୍ତୁ । ଭଲମନ୍ଦ ପଚାରି ବୁଝନ୍ତୁ । ସେମାନଙ୍କର କଥା ମନ ଦେଇ ଶୁଣନ୍ତୁ । ଅବଶ୍ୟ ପ୍ରତ୍ୟେକ ପରିବାରର ସମସ୍ୟାରେ ପାର୍ଥକ୍ୟ ରହିଛି । ମାତ୍ରନିଜର ସମସ୍ୟାକୁ ଚାହିଁ ବରିଷ୍ଠ ବ୍ୟକ୍ତିମାନଙ୍କ ନିମିତ ସମୟ ସ୍ଥିର କରିବା ଉଚିତ । ସେମାନଙ୍କ ଗହଣରେ ସମୟ ବିତେଇବା ଅନୁକୂଳ ପ୍ରଭାବ ସୁଦୂର ପ୍ରସାରି । ଖୁସିର କଥା କଟକ ଅଲିଶା ବଜାର ବରିଷ୍ଠ ନାଗରିକ ଟ୍ରଷ୍ଟର ବାର୍ଷିକ ଉତ୍ସବ ସ୍ଥାନୀୟ ଅଲିଶା ବଜାର ଯୋଗଶିକ୍ଷା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି କିଶୋର ମହାନ୍ତିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଲିଭର ବିଶେଷଜ୍ଞ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ବୟସ୍କମାନେ ସମାଜର ମୂଲ୍ୟବାନ ସମ୍ପତି ବୋଲି ମତବ୍ୟକ୍ତ କରିବା ସହ ସେମାନଙ୍କ ଆଶୀର୍ବାଦ କାମନା କରିଥିଲେ । ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ଚକ୍ରଧର ବେହେରା, ସମ୍ପାଦକ ମନମୋହନ ବେହେରା, ବରିଷ୍ଠ ସଭ୍ୟ ଶିବ କୁମାର ଜେନା, ଇଞ୍ଜିନିୟର ସଚ୍ଚିଦାନନ୍ଦ ନନ୍ଦ, ମହେନ୍ଦ୍ର କୁମାର ସାହୁ, ସିଦ୍ଧାର୍ଥ କୁମାର ସାହୁ, ବସନ୍ତ କୁମାର ସିଂହ, ଜାହିର ଖାନ୍, ଶଙ୍କର ଦାସ, ନାରାୟଣ ବେହେରା, ସଚ୍ଚିଦାନନ୍ଦ ଦାସ, ଉମେଶ ଚନ୍ଦ୍ର ସେଠୀ, ଭାସ୍କର ବେହେରା ପ୍ରମୁଖ ପରିଚାଳନା କରିଥିବାବେଳେ ଯୋଗ ବିଦ୍ୟାଳୟର କର୍ମକର୍ତା ରଘୁନାଥ ବେହେରା, ଫକୀର ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ସଂଘମିତ୍ରା ଜେନା, ଗୀତାଞ୍ଜଳୀ ବେହେରା, ଗାୟତ୍ରୀ ପଣ୍ଡା, ଏମ.ଏ.ଟି. ବେଗ ପ୍ରମୁଖ ସହାୟତା କରିଥିଲେ । ଏହି ଅବସରରେ ଅଲିଶା ବଜାର ମେଢ଼ ଓ ସହରରେ ଚାନ୍ଦିମେଢ଼ର କୁଶଳୀ ଭାସ୍କର୍ଯ୍ୟ ଶିଳ୍ପୀ ତଥା ଆନ୍ତର୍ଜାତିକ ସ୍ତରରେ ସମ୍ମାନୀତ ଓ ପ୍ରଶଂସିତ ହୋଇଥିବା ବର୍ଷୀୟାନ ଭାସ୍କର୍ଯ୍ୟଶିଳ୍ପୀ ଦେବେନ୍ଦ୍ର କୁମାର ସାହୁଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ନିମିତ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନାଥାଉକି ବର୍ଷର ବିଭିନ୍ନ ସମୟରେ ଟ୍ରଷ୍ଟ ପକ୍ଷରୁ ନିୟମିତ କାର୍ଯ୍ୟକ୍ରମ ଓ ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ସୁସ୍ଥ ଭାବରେ ରହିବା ପାଇଁ ସକାରାତ୍ମକ ମନୋଭାବ ପୋଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏକଦା ଯେଉଁ ଅଜାଆଇ କି ବାପାମାଆ ଥିଲେ ପରିବାରର କର୍ତା ଓ କର୍ତ୍ରୀ, ସେମାନେ ଯେପରି ନିଜ ନିଜର ଅବଶିଷ୍ଟ ଜୀବନ କାଳ ସମ୍ମାନର ସହ ବଂ* ରହିବେ – ଏହା ଦେଖିବାପରିବାରର ଅନ୍ୟମାନଙ୍କର ନୈତିକ କର୍ତବ୍ୟ । ଜାଣି ରଖନ୍ତୁ ଯେ ବୟସଟା ଏକ ସଂଖ୍ୟା ମାତ୍ର । ତା'କୁ ପ୍ରାଧାନ୍ୟ ନ ଦେଇ କିଭଳି ଆହୁରି ଭଲ ଭାବରେ ଜୀବନଟା କଟେଇ ହେବ, ଏହା ଦେଖିବାର ଦାୟିତ୍ୱ ସମସ୍ତଙ୍କର ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭଷ : ୯୯୩୭୧୭୨୮୧୦*

# ପଢ଼ିବା, ଗଢ଼ିବା : ଓଡ଼ିଶାର ଶୁଭାରମ୍ଭ


ସତ୍ୟ ମହାପାତ୍ର

ଆଜିକାଲି ବିଭିନ୍ନ କ୍ଷେତ୍ରରେ ସୁଯୋଗ ସୀମିତ । ପିଲାମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରନ୍ତୁ । ପିଲାମାନଙ୍କୁ ନିଜ ଇଚ୍ଛାରେ ଉଡିବାକୁ ଦିଅନ୍ତୁ, ସ୍ୱପ୍ନ ଦେଖିବାକୁ ସୁଯୋଗ ଦିଅନ୍ତୁ ଏବଂ ସ୍ୱପ୍ନକୁ ପୂରଣ କରିବା ପାଇଁ ଜଣେ ଜଣେ ମେଂଟର ଭାବେ କାମ କରନ୍ତୁ ବୋଲି ନିକଟରେ ଓଡ଼ିଶା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ଆଜିର ଶିକ୍ଷା ପଦ୍ଧତିରେ ଆମ ପାଇଁ ସବୁଠାରୁ ବଡ଼ ଦୁଇଗୋଟି ଆହ୍ୱାନ ରହିଛି । ପ୍ରଥମଟି ହେଲା ଡ୍ରପଆଉଟ ହାରକୁ ଆଶାତୀତ ଭାବେ ହ୍ରାସ କରିବା ଏବଂ ଦ୍ୱିତୀୟଟି ହେଉଛି ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ବ୍ୟବସ୍ଥା । ଡ୍ରପ ଆଉଟ ହାରକୁ ରୋକିବା ପାଇଁ ମିଡ ଡେ ମିଲ ବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏକ ସଫଳ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି । ବର୍ତମାନ ଆମେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛୁ ଏବଂ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟର ମଧ୍ୟ ବ୍ୟବସ୍ଥା କରିଛୁ । ଜନଜାତି ବର୍ଗର ପିଲାମାନଙ୍କୁ ମଧ୍ୟ ମେଧା ସିଂ ହାତଖର୍ଚ୍ଚ ଯୋଜନା ଜରିଆରେ ସହାୟତା ପ୍ରଦାନ କରାଯାଉଛି । ଏହି ସବୁ ଯୋଜନା ଆଗାମୀ ଦିନରେ ଡ୍ରପଆଉଟ ହାର କମ କରିବାରେ ନିଶ୍ଚିତ ରୂପେ ସଫଳ ହେବ । ସେହିଭଳି ରାଜ୍ୟର ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମ ଶିକ୍ଷା ପ୍ରଦାନ ପାଇଁ ଲୋକପ୍ରିୟ ମୋହନ ମାଝୀଙ୍କ ସରକାର ନୂତନ ଶିକ୍ଷାନୀତି ଲାଗୁ କରିଛନ୍ତି ।

ନୂତନ ଶିକ୍ଷା ନୀତି ଅଧୀନରେ ଛାତ୍ରଛାତ୍ରୀ ମାନଙ୍କୁ ସୃଜନଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ କରିକୁଲମ ଫ୍ରେମଓ୍ୱାର୍କ ଆରମ୍ଭ କରାଯାଇଛି । ପିଲାମାନଙ୍କ ପାଇଁ ଗପ, ଗୀତ, ଖେଳ ଓ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟ ମାଧ୍ୟମରେ ଭାଷା ସମ୍ପର୍କିତ ଦକ୍ଷତା ବୃଦ୍ଧି ପାଇଁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଗତବର୍ଷ ଠାରୁ ଆରମ୍ଭ ହୋଇଛି । ଆଜି ଠାରୁ ପଢ଼ିବା, ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହେଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଗୁଡ଼ିକୁ ସୁନ୍ଦର ଓ ଆକର୍ଷଣୀୟ ପଠନ ସ୍ଥାନରେ ପରିଣତ କରି ସରଳ କାହାଣୀ ପୁସ୍ତକ ମାଧ୍ୟମରେ ପିଲାମାନଙ୍କର ପଢ଼ିବା ଓ ବୁଝିବା ଶକ୍ତିକୁ ବିକଶିତ କରାଯିବ । ସରକାର ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନାରେ ପ୍ରତ୍ୟେକ ପଂଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହେବ । ପ୍ରଥମ ପର୍ଯ୍ୟାୟରେ ୫ରୁ ୭କୋଟି ଟଙ୍କା ଖର୍ଚ୍ଚରେ ୮୩୫ଟି ବିଦ୍ୟାଳୟ ନିର୍ମାଣ ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏଥି ସହିତ ତିନି ବର୍ଷ ମଧ୍ୟରେ ପ୍ରାଥମିକ ସ୍ତରରେ ୪୫ ହଜାର ଶିକ୍ଷକ ପଦବୀ ମଧ୍ୟ ପୂରଣ କରାଯିବ । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଓଡ଼ିଶାର ମୋହନ ଚରଣ ମାଝୀଙ୍କ ନେତୃତ୍ୱର ଡବଲ ଇଞ୍ଜିନ ସରକାର ଲକ୍ଷ୍ୟ ରଖିଛନ୍ତି । ବର୍ତମାନ ଛାତ୍ରଛାତ୍ରୀଙ୍କ ପ୍ରତିଭା ଉପରେ ଆମ ସମୃଦ୍ଧ ଓଡ଼ିଶାର ଭିତି ନିର୍ଭରଶୀଳ । ପିଲାମାନଙ୍କୁ କିପରି ଗାଇଡ଼ କରି ଭଲ ମଣିଷ କରିବେ ତାହାର ଦାୟିତ୍ୱ କେବଳ ବିଦ୍ୟାଳୟ ବା ଶିକ୍ଷକ ଶିକ୍ଷୟିତ୍ରୀଙ୍କର ନୁହେଁ ବରଂ କହିବାକୁଗଲେ ବଣମଲ୍ଲୀ ପରି ଅନେକ ପ୍ରତିଭାବାନ ବିକଶିତ କଳିକା ମାନଙ୍କୁ ଆଗେଇ ନେବା ସହ ସେମାନଙ୍କୁ ସୁଚାରୁରୂପେ ଶିକ୍ଷାବ୍ରତୀ ହେବା ଦାୟିତ୍ୱ ଆମ ସମସ୍ତଙ୍କର । ସୂଚନାଥାଉକି ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ଅର୍ଜନ କରି ପ୍ରଥମ ସ୍ଥାନରେ ଥିବା ଝାରସୁଗୁଡ଼ା ଜିଲ୍ଲାକୁ ୩ କୋଟି ଟଙ୍କା, ଦ୍ୱିତୀୟ ସ୍ଥାନରେ ଖୋର୍ଦ୍ଧା ଜିଲ୍ଲାକୁ ୨ କୋଟି ଟଙ୍କା ଏବଂ ତୃତୀୟ ସ୍ଥାନରେ ଥିବା ଜଗତସିଂହପୁର ଜିଲ୍ଲାକୁ ୧ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି । ସେହିଭଳି ୭୦ଜଣ ଶିକ୍ଷକଙ୍କ ସମେତ ତିନୋଟି ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ତିନି ଜଣ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ୧୦ଜଣ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଧାରିତ Odisha Curriculumk Frame work for school Education-୨୦୨୫ ପୁସ୍ତକ, ନିପୁଣ ଓଡ଼ିଶା ଏକ ବର୍ଷ ପୂର୍ତି ଉପଲକ୍ଷେ ଏକ କଫି ଟେବୁଲ ବୁକ ନିକଟରେ ଉନ୍ମୋଚନ ହେବାସହ ମୁଖ୍ୟମନ୍ତ୍ରୀ ପଢ଼ିବା, ଗଢ଼ିବା ଓ ଓଡ଼ିଶା ଅଭିଯାନର ଶୁଭାରମ୍ଭ କରିଥିଲେ । ଆମ ସମାଜରେ ଗୁରୁ ଶିଷ୍ୟର ପରମ୍ପରା ଆଦିମ କାଳରୁ ରହି ଆସିଛି । ଶିକ୍ଷକମାନେ ବିଦ୍ୟାର୍ଥୀ ମାନଙ୍କୁ ବ୍ୟକ୍ତିତ୍ୱ ନିର୍ମାଣ, ଶୃଙ୍ଖଳା, ଆଦର୍ଶ ସମାଜ ନିର୍ମାଣ ଆଦି ବିଷୟରେ ଶିକ୍ଷାଦେଇ ସେମାନଙ୍କୁ ଗଢ଼ି ତୋଳିଥାନ୍ତି । ରାଜ୍ୟରେ ସର୍ବୋତମ ଶିକ୍ଷାଦାନ ବ୍ୟବସ୍ଥା ପାଇଁ ଲୋକପ୍ରିୟ ମୋହନ ଚରଣ ମାଝୀଙ୍କ ସରକାର ଆମ ସରକାର ପ୍ରଚେଷ୍ଟା କରୁଛନ୍ତି । ଜୀବନ କୌଶଳ, ଏଆଇ, ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କ ଦକ୍ଷତା ବିକାଶ କରାଯାଉଛି ଯାହାଫଳରେ ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ପାଠପଢ଼ା ଶେଷ କରିବା ପରେ ଆତ୍ମ ନିର୍ଭର ହୋଇପାରିବେ । ରାଜ୍ୟରେ ଡ୍ରପ ଆଉଟ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ଚାଇଲ୍ଡ ଟ୍ରାକିଂ ସର୍ଭେ ମାଧ୍ୟମରେ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ପୁଣି ଥରେ ବିଦ୍ୟାଳୟକୁ ଫେରେଇ ଆଣିବା ପାଇଁ ଉଦ୍ୟମ କରାଯାଉଛି । ଯାହା ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛି । ଶିକ୍ଷା ବିଭାଗର ବଜେଟରେ ସର୍ବାଧିକ ୩୧ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବଭାରତର ବିକାଶ କେନ୍ଦ୍ର ଓଡ଼ିଶା ହୋଇଥିବାବେଳେ ଶିକ୍ଷା କ୍ଷେତ୍ରରେ ଓଡ଼ିଶାରେ ନୂଆ ସୋପାନରେ ପହଂଚୁଛି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, 'ସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡ଼ି, ସେକ୍ଟର-୬, କଟକ,
ଦୂରଭାଷ : ୯୬୫୮୧୦୫୫୩୨

# କୋରାପୁଟ କଫି : ଏକ ବ୍ରାଣ୍ଡ କାହାଣୀ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

କୋରାପୁଟ କଫି ଏକ ଏପରି ବ୍ରାଣ୍ଡ ଯାହା ଓଡିଶାର ପୂର୍ବ ଘାଟରେ ଚାଷ ହେଉଥିବା ଉଚ୍ଚମାନର ଆରାବିକା କଫି ପାଇଁ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପରିଚିତ ହାସଲ କରିଛି । ଏହି ବ୍ରାଣ୍ଡର କାହାଣୀ ୧୯୩୦ ଦଶକରେ ଆରମ୍ଭ ହୋଇଥିଲା ଯେତେବେଳେ କୋରାପୁଟର ରାଜା ରାଜବାହାଦୂର ରାମ ଚନ୍ଦ୍ର ଦେଓ ଏକ ପରୀକ୍ଷାମୂଳକ ଭାବରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କଫି ବିହନ ବୁଣିଥିଲେ । ପ୍ରାୟ ୧୦୦ ବର୍ଷ ପରେ, ସେହି ବିହନଗୁଡିକ ଏକ ସଫଳତାର କାହାଣୀରେ ପରିଣତ ହୋଇଛି ଯାହା ଜୈବିକ କୋରାପୁଟ କଫିକୁ ଏକ ବିଶ୍ୱ ବ୍ରାଣ୍ଡ କରିଛି । କୋରାପୁଟ କଫିର ଅନନ୍ୟ ବୈଶିଷ୍ଟ୍ୟ ୧୦୦% ଆରାବିକା : କୋରାପୁଟ କଫି ୧୦୦% ଆରାବିକା ବିନ୍ସରୁ ତିଆରି, ଯାହା ଏହାର ସ୍ୱତନ୍ତ୍ର ସ୍ୱାଦ ପ୍ରୋଫାଇଲ ଏବଂ ଉଚ୍ଚ ଗୁଣବତା ପାଇଁ ଜଣାଶୁଣା । ଜୈବିକ ଚାଷ : କଫି ଜୈବିକ ପଦ୍ଧତିରେ ଚାଷ କରାଯାଏ, କୃତ୍ରିମ କୀଟନାଶକ, ତୃଣନାଶକ କିମ୍ବା ସାର ବିନା, ଏକ ସୁସ୍ଥ ପରିବେଶ ଏବଂ ଉତ୍ତମ ସ୍ୱାଦ ସୁନିଶ୍ଚିତ କରେ । ସ୍ଥାୟୀ ଅଭ୍ୟାସ : ଏହି ବ୍ରାଣ୍ଡ ପରିବେଶ ସଂରକ୍ଷଣ, ସମ୍ବଳ କ୍ଷମତା ଏବଂ ସାମାଜିକ ଦାୟିତ୍ୱକୁ ପ୍ରୋତ୍ସାହିତ କରେ, ଯାହା ଏହାକୁ ପରିବେଶ-ସଚେତନ ଗ୍ରାହକଙ୍କ ମଧ୍ୟରେ ଏକ ଲୋକପ୍ରିୟ ପସନ୍ଦ କରିଥାଏ । ଆଦିବାସୀ ବିକାଶ : କୋରାପୁଟ କଫି ସ୍ଥାନୀୟ ଆଦିବାସୀ ଚାଷୀମାନଙ୍କ ସହିତ ସିଧାସଳଖ କାର୍ଯ୍ୟ କରେ, ସେମାନଙ୍କୁ ଉଚିତ ମୂଲ୍ୟ ଏବଂ ସ୍ଥାୟୀ ଜୀବିକା ପ୍ରଦାନ କରେ । କୋରାପୁଟ କଫିର ପ୍ରଭାବ : ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିଛି । ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା : କୋରାପୁଟ କଫି ସ୍ଥାୟୀ କୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରେ, କଫି ଚାଷର ପରିବେଶଗତ ପ୍ରଭାବକୁ କରେ । ବିଶ୍ୱସ୍ତରୀୟ ସ୍ୱୀକୃତି : ଏହି ବ୍ରାଣ୍ଡ ଆନ୍ତର୍ଜାତୀୟ ସ୍ୱୀକୃତି ହାସଲ କରିଛି, ଏହାର ଗୁଣବତା ଏବଂ ସ୍ଥାୟିତ୍ୱ ପାଇଁ ପୁରସ୍କାର ଏବଂ ପ୍ରଶଂସା ଜିତିଛି । କୋରାପୁଟ କଫିର ଉତ୍ପାଦ ଏବଂ ଉପଲବ୍ଧତା – ଉତ୍ପାଦର ପରିସର ପୋରାପୁଟ କଫି ଏକକ-ଉତ୍ପାଦ କଫି, ସ୍ୱତନ୍ତ୍ର ମିଶ୍ରଣ ଏବଂ ଫିଲ୍ଟର କଫି ସମେତ ବିଭିନ୍ନ ଉତ୍ପାଦ ପ୍ରଦାନ କରେ । ଉପଲବ୍ଧତା: ଏହି କଫି ଅନଲାଇନରେ ଏବଂ କିଛି ନିର୍ଦ୍ଦିଷ୍ଟ ଷ୍ଟୋରରେ ଉପଲବ୍ଧ, ଯାହା ଗ୍ରାହକମାନଙ୍କ ପାଇଁ ସହଜରେ ଉପଲବ୍ଧ । ନିଷ୍କର୍ଷ : କୋରାପୁଟ କଫି ଏକ ଏପରି ବ୍ରାଣ୍ଡ ଯାହା କଫି ଶିଳ୍ପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି, କେବଳ ଏହାର ଉଚ୍ଚମାନର ଆରାବିକା କଫି ପାଇଁ ନୁହେଁ ବରଂ ସ୍ଥାୟିତ୍ୱ ଏବଂ ଆଦିବାସୀ ବିକାଶ ପାଇଁ ଏହାର ପ୍ରତିବଦ୍ଧତା ପାଇଁ ମଧ୍ୟ । ଏହାର ଅନନ୍ୟ ସ୍ୱାଦ ପ୍ରୋଫାଇଲ ଏବଂ ପରିବଶେ ଅନୁକୂଳ ଅଭ୍ୟାସ ସହିତ, କୋରାପୁଟ କଫି କଫି ପ୍ରେମୀ ଏବଂ ପରିବେଶ ସଚେତନ ଗ୍ରାହକଙ୍କ ମଧ୍ୟରେ ଏକ ଲୋକପ୍ରିୟ ପସନ୍ଦ । ବ୍ରାଣ୍ଡଟି ବୃଦ୍ଧି ପାଇବା ସହିତ, ଏହା ସ୍ୱତନ୍ତ୍ର କଫି ବଜାରରେ ଏକ ନେତା ହେବାର ସମ୍ଭାବନା ରହିଛି । କୋରାପୁଟ କଫିର ଇତିହାସ କୋରାପୁଟ କଫିର ଏକ ସମୃଦ୍ଧ ଇତିହାସ ଅଛି ୧୯୩୦ ଦଶକରେ ଯେତେବେଳେ କୋରାପୁଟର ରାଜା ରାଜାବାହାଦୂର ରାମ ଚନ୍ଦ୍ର ଦେଓ ପ୍ରଥମେ ଏହି ଅଂଚଳରେ କଫି ବିହନ ବୁଣିଥିଲେ । ତଥାପି ୨୦୧୯ ପର୍ଯ୍ୟନ୍ତ କୋରାପୁଟ କଫି ବାଣିଜ୍ୟିକ ପ୍ରଭାବ ହାସଲ କରି ଏକ ପ୍ରମୁଖ ବ୍ରାଣ୍ଡ ହୋଇନଥିଲା । ପ୍ରମୁଖ ମାଇଲଖୁଂଟ – ୧୯୩୦ ଦଶକ : ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ କୋରାପୁଟର ରାଜା ରାଜାବାହାଦୂର ରାମ ଚନ୍ଦ୍ର ଦେଓ ପ୍ରଥମେ କଫି ବିହନ ରୋପଣ କରିଥିଲେ । ୧୯୬୦ ଦଶକ : କୋରାପୁଟରେ କଫି ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା ସରକାର ପ୍ରୟାସ ତ୍ୱରାନ୍ୱିତ କରିଥିଲେ । ୨୦୧୭ କୋରାପୁଟ କଫିର ବ୍ରାଣ୍ଡି ଏବଂ ମାର୍କେଟିଂକୁ ଉନ୍ନତ କରିବା ପାଇଁ କଫି ବିକାଶ ଟ୍ରଷ୍ଟ ଗଠନ କରାଯାଇଥିଲା । ୨୦୧୯ କୋରାପୁଟ କଫିକୁ ଏକ ବ୍ରାଣ୍ଡ ଭାବରେ ଆରମ୍ଭ କରାଯାଇଥିଲା ଏବଂ କଫିକୁ ପ୍ରକ୍ରିୟାକରଣ ଏବଂ ପ୍ୟାକେଜିଂ କରିବା ପାଇଁ ଏକ କ୍ୟୁରିଂ ୟୁନିଟ୍ ସ୍ଥାପନ କରାଯାଇଥିଲା । ବ୍ରାଣ୍ଡକୁ ଏକ ଭୌଗେଳିକ ସୂଚକ (ଏଓ) ଟ୍ୟାଗ୍ ମଧ୍ୟ ମିଳିଥିଲା । ୨୦୨୩: ଦୁବାଇର ଓ୍ୱାର୍ଲ୍ଡ ଅଫ୍ କଫି ଏକ୍ସପୋରେ କୋରାପୁଟ କଫି ପ୍ରଦର୍ଶିତ ହୋଇଥିଲା, ଯାହା ଅନ୍ତର୍ଜାତୀୟ ସ୍ୱୀକୃତି ପାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ 'ମନ ବି ବାତ୍' ରେଡିଓ ସମ୍ବୋଧନରେ ବର୍ଣ୍ଣନା କରିଥିବା କୋରାପୁଟ କଫି ପ୍ରକୃତରେ ଓଡିଶା ପାଇଁ ଗର୍ବର ଏକ ଉତ୍ସ । ସେ କଫିର ଅନନ୍ୟ ସ୍ୱାଦ ଏବଂ ସାମାଜିକ-ଆର୍ଥିକ ପ୍ରଭାବ ପାଇଁ ପ୍ରଶଂସା କରିଥିଲେ, ବିଶେଷକରି କୋରାପୁଟ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟ ଏବଂ ମହିଳା ଚାଷୀମାନଙ୍କୁ ସଶକ୍ତ କରିବାରେ । ଏହି କଫି ଓଡିଶାର ପୂର୍ବଘାଟ ଅଂଚଳରେ ଚାଷ କରାଯାଏ ଯେଉଁଠାରେ ଥଣ୍ଡା ଜଳବାୟୁ ଏବଂ ଉର୍ବର ଭୂଭାଗ ଏହାକୁ କଫି ଚାଷ ପାଇଁ ଏକ ଆଦର୍ଶ ସ୍ଥାନ କରିଥାଏ । କୋରାପୁଟ କଫି ଏହାର ୧୦୦% ଆରାବିକା ବିନ୍ସ ଏବଂ ସ୍ୱତନ୍ତ୍ର ସ୍ୱାଦ ପ୍ରୋଫାଇଲ ପାଇଁ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି, ଯେଉଁଥିରେ ସାଇଟ୍ରସ, ଅଙ୍ଗୁର ଏବଂ କାରାମେଲ-ଚକୋଲେଟର ନୋଟ୍ ଅନ୍ତର୍ଭୁକ୍ତ । କୋରାପୁଟ କଫିର କିଛି ପ୍ରମୁଖ ଦିଗଗୁଡିକ ମଧ୍ୟରେ ଅନ୍ତର୍ଭୁକ୍ତ –ଜୈବିକ ଚାଷ : କୃତ୍ରିମ କୀଟନାଶକ, ତୃଣନାଶକ କିମ୍ବା ସାର ବିନା ଜୈବିକ ପଦ୍ଧତି ବ୍ୟବହାର କରି କଫି କରାଯାଏ । ସାମାଜିକ ପ୍ରଭାବ : କଫି ଚାଷ ଆଦିବାସୀ ସମ୍ପ୍ରଦାୟ ଏବଂ ମହିଳା ଚାଷୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଆୟ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରେ । ସରକାରୀ ସହାୟତା : ଓଡିଶା ସରକାର ଆଦିବାସୀ ବିକାଶ ସମବାୟ ନିଗମ ଓଡିଶା ଲିମିଟେଡ୍ (ଝଉଉଉଙଖ) ଏବଂ କୋରାପୁଟ କୃଷି ଉତ୍ପାଦ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଭଳି ପଦକ୍ଷେପ ମାଧ୍ୟମରେ କଫି ଚାଷୀମାନଙ୍କୁ ସମର୍ଥନ କରନ୍ତି । ବିଶ୍ୱସ୍ତରୀୟ ମାନ୍ୟତା : ବିଭିନ୍ନ ଦେଶକୁ ରପ୍ତାନୀ ଏବଂ ଏହାର ଅନନ୍ୟ ସ୍ୱାଦର ପ୍ରୋଫାଇଲ ପାଇଁ ବର୍ଦ୍ଧିତ ଚାହିଦା ସହିତ କୋରାପୁଟ କଫି ଆନ୍ତର୍ଜାତୀୟ ସ୍ତରରେ ପରିଚିତ ହାସଲ କରିଛି । ସାମଗ୍ରିକ ଭାବରେ, କୋରାପୁଟ କଫ କେବଳ ଓଡିଶାର ଗର୍ବ ନୁହେଁ ବରଂ ସ୍ଥାୟୀ ଜୀବିକା ଏବଂ ସମ୍ପ୍ରଦାୟ ସଶକ୍ତିକରଣର ପ୍ରତୀକ ମଧ୍ୟ । କୋରାପୁଟ କଫି ଏକ ବ୍ରାଣ୍ଡ ଯାହା ଓଡିଶାର ପୂର୍ବଘାଟରେ ଉତ୍ପାଦିତ ଉଚ୍ଚମାନର ଆରାବିକା କଫି ପାଇଁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପରିଚିତ ହାସଲ କରିଛି । ଏହି ବ୍ରାଣ୍ଡଟି ଏହାର ଅନନ୍ୟ ସ୍ୱାଦ ପ୍ରୋଫାଇଲ ପାଇଁ ଜଣାଶୁଣା, ଯେଉଁଥିରେ ସାଇଟ୍ରସ୍, ଅଙ୍ଗୁର, ଏବଂ କାରାମେଲ-ଚକୋଲେଟର-ଚକୋଲେଟର ନୋଟ୍ ଅନ୍ତର୍ଭୁକ୍ତ । କୋରାପୁଟ କଫି ଜୈବିକ ବିବିଧ 'କଫି ବଗିଚା'ରେ ଆମ୍ବ, କାକଫୁଟ ଏବଂ ଗୋଲମରିଚ ସହିତ ଜୈବିକ ଏବଂ ଛାଇରେ ଚାଷ କରାଯାଇଥିବା ପଦ୍ଧତି ବ୍ୟବହାର କରି ଚାଷ କରାଯାଏ । କୋରାପୁଟ କଫିର ମୁଖ୍ୟ ବୈଶିଷ୍ଟ୍ୟ – ଆରାବିକା ବିବିଧତା କୋରାପୁଟ କଫି ଓଡିଶାର ପୂର୍ବ ଘାଟ ପର୍ବତମାଳାର ୨୮୦୦ ରୁ ୩୪୦୦ ଫୁଟ ଉଚ୍ଚତାରେ କୋରାପୁଟ ଜିଲ୍ଲାର ଉଚ୍ଚ ପାହାଡରେ ଚାଷ କରାଯାଏ । ଜୈବିକ ଏବଂ ଛାଇରେ ଚାଷ କରାଯାଇଥିବା : କୃତ୍ରିମ ସାର କିମ୍ବା କୀଟନାଶକ ବ୍ୟବହାର ବିନା ଜୈବିକ ପଦ୍ଧତି ବ୍ୟବହାର କରି କଫି ଚାଷ କରାଯାଏ । ଅନନ୍ୟ ସ୍ୱାଦ ପ୍ରୋଫାଇଲ : କୋରାପୁଟ କଫିର ସାଇଟ୍ରସ୍, ଅଙ୍ଗୁର ଏବଂ କାରାମେଲ୍-ଚକୋଲେଟର ନୋଟ୍ ସହିତ ଏକ ସ୍ୱତନ୍ତ୍ର ସ୍ୱାଦ ପ୍ରୋଫାଇଲ ଅଛି । ସ୍ଥାୟୀ ଅଭ୍ୟାସ : ବ୍ରାଣ୍ଡ ପରିବେଶ ସଂରକ୍ଷଣ, ସମ୍ବଳ ଦକ୍ଷତା ଏବଂ ସାମାଜିକ ଦାୟିତ୍ୱକୁ ପ୍ରୋତ୍ସହିତ କରେ । ଆଦିବାସୀ ସମ୍ପ୍ରଦାୟ ଉପରେ ପ୍ରଭାବ : ଆଦିବାସୀ ଚାଷୀଙ୍କୁ ସଶକ୍ତ କରିବା : କୋରାପୁଟ କଫି ସ୍ଥାନୀୟ ଚାଷୀଙ୍କ ସହିତ ସିଧାସଳଖ କାମ କରେ, ନିରପେକ୍ଷ ଏବଂ ସ୍ୱଚ୍ଛ ବାଣିଜ୍ୟ ଅଭ୍ୟାସ ସୁନିଶ୍ଚିତ କରେ ଏବଂ ସମ୍ପ୍ରଦାୟ ବିକାଶ ପଦକ୍ଷେପରେ ଲାଭ ପୁନଃନିବେଶ କରେ । ମହିଳା ସଶକ୍ତିକରଣ – ବ୍ରାଣ୍ଡ କଫି ଚାଷ ଏବଂ ମିଶନ ଶକ୍ତି ପଦକ୍ଷେପ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରିଛି, ସେମାନଙ୍କର ଜୀବିକା ଉନ୍ନତ କରିଛି ଏବଂ ସାମାଜିକ ଏବଂ ଆର୍ଥିକ ସଶକ୍ତିକରଣ ପ୍ରୋତ୍ସାହିତ କରିଛି । ଅର୍ଥନୈତିକ ଉନ୍ନତି : ବ୍ରାଣ୍ଡ ଆଦିବାସୀ ଅର୍ଥନୀତିକୁ ଉଲ୍ଲେଖନୀୟ ଭାବରେ ଉନ୍ନତି କରିଛି, କିଛି ଚାଷୀ ବାର୍ଷିକ ୧୫୦,୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତି । ପୁରସ୍କାର ଏବଂ ସ୍ୱୀକୃତି : ଫାଇନ୍ କପ୍ ପୁରସ୍କାର : କୋରାପୁଟ କଫି ଦୁଇଟି ଫାଇନ୍ କପ୍ ପୁରସ୍କାର ଏବଂ ଫ୍ଲେଭର ଅଫ୍ ଇଣ୍ଡିଆ : ଦି ଫାଇନ୍ କପ୍ ପୁରସ୍କାର ୨୦୨୪ରେ ଚତୁର୍ଥ ସ୍ଥାନ ଅଧିକାର କରିଛି । ଆନ୍ତର୍ଜାତୀୟ ମାନ୍ୟତା : ବ୍ରାଣ୍ଡ ଦୁବାଇରେ କଫି ଏକ୍ସପୋ ଓ୍ୱାର୍ଲ୍ଡରେ ଅଂଶଗ୍ରହଣ କରିବା ସହିତ ଅନ୍ତର୍ଜାତୀୟ ମାନ୍ୟତା କରିଛି ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Monday October 27 | ଭୁବନେଶ୍ୱର ସୋମବାର, ୨୭, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ପାରାଦୀପରେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ




ପାରାଦୀପ,(ପି.ଏନ): ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ର ଜଗତସିଂହପୁର ଜିଲ୍ଲା ସମ୍ମିଳନୀ ପାରାଦୀପ ସ୍ଥିତ ଶ୍ରମିକ ଭବନ ପରିସରରେ ରବିବାର ସକାଳେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଜିଲ୍ଲା ସଭାପତି ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଜୟ ପଢ଼ିହାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ସମ୍ପାଦକ ବିଜୟ ମହାନ୍ତି, ଜିଲ୍ଲା ସମ୍ପାଦକ ବିଷ୍ଣୁ ମୁଦୁଲି, ନାରୀ ନେତ୍ରୀ ଜିନମୟୀ ସାହାଣୀ, ସବିତା ମହାପାତ୍ର, ସମ୍ବାଦିକ ଚିତ୍ତ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ତଥା ସମସ୍ତ ଅତିଥି ମାନେ ଶାନ୍ତି, ମୈତ୍ରୀ, ପରିବେଶ ସୁରକ୍ଷା, ପରମାଣୁମୁକ୍ତ ବିଶ୍ୱ ଓ ପ୍ରଗତିଶୀଳ ଆନ୍‌ଦୋଳନକୁ ଜୋରଦାର କରିବା ସହିତ ସମାଜର ସାଂସ୍କୃତିକ ଅବକ୍ଷୟ ଓ ଏଥିରେ ଉନ୍ନତି ଆଣିବା ନିମନ୍ତେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ସଂଗଠନକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ । ତେବେ ପାରାଦୀପରେ ଏହି ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇଥିବାରୁ ସଭାପତି ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ ସାଧୁବାଦ ଜଣାଇବା ସହ ସଂଗଠନ ସମୃଦ୍ଧି ନିମନ୍ତେ ସମସ୍ତେ ପ୍ରୟାସ କରିବାକୁ ଅନୁରୋଧ କରିଥିଲେ।

# ଡ଼ଃ.ଭୀମ ରାଓ ଆମ୍ବେକରଙ୍କ ପରିନିର୍ବାଣ ଦିବସ ପାଳନ ପାଇଁ ଜାଗ୍ରତ କନ୍ଧମାଳର ପ୍ରସ୍ତୁତି ବୈଠକ



ଫୁଲବାଣୀ,(ପି.ଏନ) : ଫୁଲବାଣୀ ସାମ୍ବାଦିକ ଭବନ ଠାରେ ସାମାଜିକ ସଂଗଠନ ଜାଗ୍ରତ କନ୍ଧମାଳ ଓଡ଼ିଶା ତରଫରୁ ଆସନ୍ତା ତା ୬,୧୨,୨୦୨୫, ବିଶ୍ୱ ରତ୍ନ ବବା ସାହେବ୍ ଡ ଭୀମ ରାଓ ଆମ୍ବେକରଙ୍କ ପରିନିର୍ବାଣ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଜାଗ୍ରତ କନ୍ଧମାଳ ଓଡ଼ିଶା ର ସଭାପତି ଅରୁଣ ନାୟକ ଙ୍କ ସ୍ୱାସ୍ଥ୍ୟଗତ ଅସୁସ୍ଥ କାରଣ ରୁ ଅନୁପସ୍ଥିତ ଥିବାରୁ ସଂଗଠନ ର ପ୍ରତିଷ୍ଠାତା ସଦସ୍ୟ କୃପାସିନ୍ଧୁ ବେହେରା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହେଇଥିଲା, ସଂଗଠନ ର ଉପଦେଷ୍ଟା ଡ ସୋମନାଥ ବାଗ, ଜଳନ୍ଧର ବେହେରା ଅତିଥି ରୂପେ ଯୋଗଦେଇ ଥିଲେ, ସହ ସମ୍ପାଦକ ସୋମନାଥ ନାୟକ ବୈଠକ ପରିଚାଳନା କରି ଥିବା ବେଳେ ସାଧାରଣ ସମ୍ପାଦକ ସତ୍ୟନାରାୟଣ ବେହେରା ସଂଗଠନ ଗତ ଦିନ ମାନଙ୍କରେ ସରକାରଙ୍କ ନିକଟ ରେ କରିଥିବା ଦାବି ବିଷୟରେ ଆଲୋକପାତ କରିଥିଲେ ସଂଗଠନର ଦାବି ପ୍ରତ୍ୟେକ ଗ୍ରାମରେ ଗାଁ ମଶାଣି ଚିହ୍ନଟ, ପ୍ରତ୍ୟେକ ଗ୍ରାମରେ କଲ୍ୟାଣୀ ମଣ୍ଡପ, ସରକାରି ମେଡିକାଲ କଲେଜରେ କଂଧମାଳ ଜିଲ୍ଲା ର ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ପଚାଶ ପ୍ରତିଶତ ନିଯୁକ୍ତି , ଓବିସି ଙ୍କୁ ବାବନ ପ୍ରତିଶତ ଶିକ୍ଷା କ୍ଷେତ୍ରରେ, ବିଧାନ ସଭା ନିର୍ବାଚନରେ ଲୋକ ସଭା ନିର୍ବାଚନରେ, ଚାକିରୀ କ୍ଷେତ୍ରରେ, ନିଯୁକ୍ତି, କନ୍ଧ ଗଉଡ ସମ୍ପ୍ରଦାୟ ଙ୍କୁ ଆଦିବାସୀ ମାନ୍ୟତା, ଆଦିବାସି ମାନଙ୍କର ପେଶା ଆଇନ୍ ଲାଗୁ କରିବା, ନଦି ରେ ପୋଲ ନିର୍ମାଣ, ଗ୍ରାମରକ୍ଷୀ ଙ୍କ ଦରମା ବୃଦ୍ଧି, ସମାଜ ରେ ସମାନତା ବିଷୟରେ ଆଲୋକପାତ କରିଥିଲେ ସଂଗଠନର ବରିଷ୍ଠ ଓ ପ୍ରତିଷ୍ଠାତା ସଦସ୍ୟ ମାନଂକ ପ୍ରଚେଷ୍ଟା ବିଫଳ ହେବ ନାହିଁ ବୋଲି କହିଥିଲେ, ଉପଦେଷ୍ଟା ଜଳନ୍ଧର ବେହେରା କହିଥିଲେ କି ଜାଗ୍ରତ କନ୍ଧମାଳ ଓଡ଼ିଶା ଏକ ଭିକାରୁଣି ଉଷା ବେହେରା ଙ୍କୁ ବାବା ସାହେବ୍ ଙ୍କ ଜନ୍ମ ଦିନରେ ମୁଖ୍ୟ ଅତିଥି ଓ ଭିକାରୀ ମାନଙ୍କୁ ଅତିଥି ରୂପେ ସମ୍ମାନିତ କରି ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ ଯାହାକୁ ଭାରତ ର ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୋଡ଼ ଧରି ପ୍ରଣାମ କରିଥିଲେ, ଏଣୁ ଜାଗ୍ରତ କନ୍ଧମାଳ କୁ ପ୍ରଧାନ ମନ୍ତ୍ରୀ ଉଚିତ୍ ମାନ୍ୟତା ପ୍ରଦାନ କରିଛନ୍ତି ବୋଲି କହିଥିଲେ, ବୈଠକ ରେ ପ୍ରତିଷ୍ଠାତା ସଦସ୍ୟ ମାନେ ଉମା ମୁଖୀ, ସୁବାସ ପ୍ରଧାନ ମୃତ୍ୟୁଞ୍ଜୟ ଭୋଇ, ବଳରାମ ଭୋଇ, କୁମୁଦିନୀ ବେହେରା, ରଞ୍ଜିତା ବେହେରା, ନିର୍ମଳ ବେହେରା, ସବିତା ମଲ୍ଲିକ, ବନମାଳୀ ଦିଗାଲ ଲତା ସାହୁ, ପ୍ରମୂଖ ଉପସ୍ଥିତ ଥିଲେ, ଆଗାମୀ ଡ଼ିସେମ୍ବର ଛଅ ତାରିଖରେ ମନ୍ଦିର ପୂଜକ ମାନଂକ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ସରକାରଙ୍କୁ ଦେଇଥିବା ଦାବି, ଆଶୀର୍ବାଦ ଯୋଜନା ନାମରେ ନାମିତ, ପୂଜକ ଙ୍କୁ ପାଞ୍ଚ ହଜାର ମାସିକ ବେତନ, ପାଞ୍ଚ ଲକ୍ଷ୍ୟ ଜୀବନ ବୀମା, ଝିଅ ବିବାହ ନିମନ୍ତେ ଏକ ଲକ୍ଷ୍ୟ ଟଙ୍କା ପ୍ରଦାନ, ଚାରି ସେଣ୍ଟ ଜାଗା, ଆବାସ ଯୋଜନା ରେ ଅନ୍ତର୍ଭୁକ୍ତ କରିବା ଦାବିକୁ ଜୋର୍ ଦାର କହରି ବାକୁ କଂଧମାଳ ଜିଲ୍ଲା ର ସମସ୍ତ ପୂଜକ ଙ୍କୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ନିଷ୍ପତି କରାଗଲା, ଶେଷରେ ଓବିଶୀ ସଂଗଠକ ବିପ୍ରବର ସ୍ୱାଇଁ ଧନ୍ୟବାଦ୍ ଦେଇଥିଲେ।

# ଜହିନ୍ଦ୍ ମଜଦୁର ସଭାପତି ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ରଙ୍କ ପରଲୋକରେ ଶୋକ



ବ୍ରହ୍ମପୁର, (ପି.ଏନ) : ଓଡିଶା କେବଳ ନୁହେଁ ସାରା ଦେଶର ଅନ୍ୟତମ ସଂଗ୍ରାମୀ ସମାଜବାଦୀ ସଙ୍ଗଠକ, ଚିନ୍ତକ, ପ୍ରଖ୍ୟାତ ଶ୍ରମିକ ନେତା ତଥା ହିନ୍ଦ ମଜଦୁର ସଭାର ରାଜ୍ୟ ସଭାପତି କୃଷ୍ଣ ଚନ୍ଦ୍ର ପାତ୍ର ଶୁକ୍ରବାର ରାତ୍ର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ରେଭେନ୍ସା ମହାବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ ଦୁର୍ବାର ଛାତ୍ରନେତା ଭାବେ ସେ ପରିଚିତ ଥିଲେ । ସରକାରୀ କଲେଜର ଅଧ୍ୟାପକ ଚାକିରି ଛାଡି ସମାଜବାଦୀ ଆନ୍‌ଦୋଳନରେ ନିଜକୁ ସମର୍ପି ଦେଇଥିଲେ । ଜଣେ ସ୍ପଷ୍ଟବାଦୀ ରାଜନେତା ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା । ସେ ହିନ୍ଦ୍ ମଜଦୁର ସଭାପତି ରାଜ୍ୟ ସଭାପତି ଭାବେ ବହୁ ଦିନ କାର୍ଯ୍ୟ କରି ଆସୁଥିଲେ । ବିଜୁ ପଟ୍ଟନାୟକ, ବିଶ୍ୱନାଥ ପଣ୍ଡିତ ଏବଂ ଅଶୋକ ଦାସଙ୍କ ସହ ଅତି ଘନିଷ୍ଠ ସମ୍ପର୍କ ସହ ସେମାନଙ୍କ ସହ କାର୍ଯ୍ୟ କରୁଥିଲେ । ବିଶ୍ୱନାଥ ପଣ୍ଡିତଙ୍କ ବିୟୋଗ ପରେ ପାତ୍ର ତାଙ୍କ ଦ୍ୱାରା ଗଠିତ ଓଡିଶା ମେଡିକାଲ କର୍ମଚାରୀ ସଂଘ, ମେହେନ୍ତର ସଂଘ ଭଳି ବିଭିନ୍ନ ଶ୍ରମିକ ସଂଗଠନର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ । ଜରୁରୀ କାଳିନ ପରିସ୍ଥିତି ବେଳେ ଦୀର୍ଘ ସମୟ କାରାବରଣ କରିଥିଲେ । ତାଙ୍କର ଶ୍ରମିକ ସମାଜର ଅପୂରଣୀୟ କ୍ଷତି ଘଟିଲା ବୋଲି ହିନ୍ଦ୍ ମଜଦୁର ସଭାର ରାଜ୍ୟ ଉପସଭାପତି ରବି ରଥ ପ୍ରକାଶ କରିବା ସହ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

# ଜଗତସିଂହପୁର ଜିଲ୍ଲା ବରିଷ୍ଠ ନାଗରିକ ଫୋରମ କର୍ମକର୍ତା ନିର୍ବାଚନ।

ଜଗତସିଂହପୁର,(ପି ଏନ)ଜିଲ୍ଲା ବରିଷ୍ଠ ନାଗରିକ ଫୋରମର କର୍ମକର୍ତା ନିର୍ବାଚନ ହୋଇଯାଇଛି । ଏଠିରେ ଫୋରମର ସଭାପତି ମଧୁସୂଦନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସଂଗଠନ କାଯ୍ୟକୁ ଆଗାମୀ ଦିନରେ ସୂଚାରୁରୂପେ ସମ୍ପାଦନ ନିମନ୍ତେ ଗୁରୁତ୍ୱରୋପ ହୋଇଥିଲା । ସ୍ଥାନୀୟ ଚର୍ଚ୍ଚିକା ବଜାର ର ଠାକୁର ପାଟଣା ସ୍ଥିତ ହରିହର ମହାଦେବ ମନ୍ଦିରରେ ଅନୁଷ୍ଠିତ କର୍ମକର୍ତା ନିର୍ବାଚନରେ ଫୋରମର ସଭାପତି ଭାବେ ନିର୍ବାଚିତ ହୋଇଥିଲେ ମଧୁସୁଦନ ସାହୁ । ସେହିପରି କାର୍ଯ୍ୟକାରୀ ସଭାପତି ରୂପେ ଭାରତ ଚରଣ ନାଥ, ଉପ ସଭାପତି ବୈକୁଣ୍ଠ ଚରଣ ମହାପାତ୍ର, ସମ୍ପାଦକ ହିତେଶ କୁମାର ମହାନ୍ତି, ସହ ସମ୍ପାଦକ ବିଜୟ କୁମାର ନାୟକ, ପ୍ରମୋଦ ମୁଦୁଲି, ଦ୍ୱାରିକା ମହାପାତ୍ର, ସଂଗଠନ ସମ୍ପାଦକ ଦେବି ପ୍ରସାଦ ମହାନ୍ତି, କୋଷାଦକ୍ଷ ଟୁକୁନା ମଲ୍ଲିକ, ଆଇନି ପରାମର୍ଶଦାତା, ଦୋଳଗୋବିନ୍ଦ ଦାସ,ଓ କାଯ୍ୟକାରୀ ସଦସ୍ୟ ଭାବେ ରମାକାନ୍ତ ଚୌଧୁରୀ, ଶ୍ୱ ?ତ କୁମାର ସାହୁ, ରବୀନ୍ଦ୍ର ନାଥ ମିଶ୍ର, ରମେଶ ଚନ୍ଦ୍ର ଦାସ, ଦୀପ୍ତି କୁମାର ଦାସ, ନେତ୍ରାନନ୍ଦ ଓଝା, ସନାତନ ମହାନ୍ତି, ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ ମନୋନୀତ ହୋଥିଲେ।

# ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଗଜପତି କଲେଜରେ ଉଦବୋଧନୀ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,(ପି.ଏନ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଶାଖା ତରଫରୁ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାଶିତ ମହାବିଦ୍ୟାଳୟରେ ଉଦବୋଧନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଲକ୍ଷ୍ୟ ହାସଲ କରିବା ସହ ଦେଶ ପାଇଁ କାର୍ଯ୍ୟକରିବାକୁ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରବର୍ତ୍ତାଇ ଥିଲେ । ଏହି କାର୍ଯ୍ୟକ୍ରମଟିକୁ ଲୋକ ସଂସଦର ଉଦ୍‌ବୋଧନୀ ପରିଷଦର ଜିଲ୍ଲାଧକ୍ଷ ଡ଼ ବିପ୍ଳବ ରଞ୍ଜନ ପ୍ରଧାନ, ଓଡ଼ିଆ ବିଭାଗୀୟ ମୁଖ୍ୟଙ୍କ ସଂଯୋଜନାରେ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରଫେସର ରାଧାକାନ୍ତ ଭୁଂୟା ଓ ମୁଖ୍ୟବକ୍ତା ଭାବେ ଡ଼ ଜିତେନ୍ଦ୍ରନାଥ ପଟନାୟକ ଉପସ୍ଥିତ ରହି ଯୁବ ସମାଜଙ୍କୁ ଉଦ୍‌ବୋଧିତ କରିଥିଲେ । ଅତିଥି ବୃନ୍ଦ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗୁରୁଭକ୍ତି,ଦେଶଭକ୍ତି,ଧର୍ମମାର୍ଗ ଓ ଉଚିତ କର୍ମମାର୍ଗରେ ଯାଇ ସମାଜରେ ପ୍ରତିଷ୍ଠିତ ହେବାପାଇଁ ପ୍ରେରଣା ଦେଇଥିଲେ । ଶ୍ରୀ ଅର୍ଜୁନ ଜେନା, ଅତିଥି ଅଧ୍ୟାପକ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସୁଶ୍ରୀ ଶ୍ୱେତା ପଟନାୟକ,ଅତିଥି ଅଧିପିକା ଧନ୍ୟବାଦ ଅର୍ପଣ କରିଥଲେ । ଛାତ୍ରୀ ସ୍ନେହା ବେହେରା ସ୍ୱଦେଶବାଣୀ ପଠନ କରିଥିବାବେଳେ ଅନ୍ୟ ଜଣକ ଛାତ୍ରୀ ରାଜେଶ୍ୱରୀ ସ୍ୱାଇଁ ଓ ଅନ୍ୟମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହିଥିବା ବେଳେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଗଜପତି ଓ ରାଜ୍ୟ ଶାଖାର ଆଜୀବନ ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ଥିଲେ ।

# କର୍ମଚାରୀଙ୍କ ସୁରକ୍ଷା ପାଇଁ ପିଆଇସିଟି ପକ୍ଷରୁ ଇ-ବସ ସେବା ପ୍ରଚଳନ



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରରେ ଥିବା ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗ ଟର୍ମିନାଲ (ପିଆଇସିଟି) ପୋତାଶ୍ରୟରେ କାର୍ଯ୍ୟ କରୁଥିବା ତାର ଶ୍ରମିକ ଓ କର୍ମଚାରୀ ମାନଙ୍କ ସୁରକ୍ଷା ନିମନ୍ତେ ବହୁବିଧ ପଦକ୍ଷେପ ଗ୍ରହଣ କରିଛି । ଏହି ପରିପ୍ରେକ୍ଷୀରେ ଟର୍ମିନାଲ ମଧ୍ୟରେ ପଦଚାରି କର୍ମଚାରୀଙ୍କ ଗମନାଗମନ ସୁବିଧା ନିମନ୍ତେ କମ୍ପାନୀ ପକ୍ଷରୁ ଏକ ପ୍ରଦୂଷଣ ମୁକ୍ତ ଇ-ବସ ସେବା କୁ ଟର୍ମିନାଲ ମୁଖ୍ୟ ଉଦଘାଟନ କରିଛନ୍ତି । ଏହାଦ୍ୱାରା ପାଦ ରେ ଚାଲିକି ଯାଉଥିବା କର୍ମଚାରୀ ଙ୍କ ପାଇଁ ଅନେକ ସୁବିଧା ହେବା ସହ ସେମାନଙ୍କ ସୁରକ୍ଷା ସତପ୍ରିତିଶ ସୁନିଶ୍ଚିତ ହୋଇପାରିବ । ସୂଚନାଥାଉକି, ନିକଟରେ ଶ୍ରମିକ ମାନଙ୍କ ସୁରକ୍ଷା ଉପରେ କମ୍ପାନୀ ନେଇଥିବା ପଦକ୍ଷେପ ବିଷୟରେ ଧାରଣା ନେବା ପାଇଁ ସେମାନଙ୍କ ପରିବାରଙ୍କୁ ଟର୍ମୀନାଲ ମଧ୍ୟରେ ବୁଲାଇ ଦେଖାଯାଇଥିଲା କ୍ଷ ତେବେ ଶ୍ରମିକ ଓ କର୍ମଚାରୀ ମାନଙ୍କ ସୁରକ୍ଷା ଉପରେ କମ୍ପାନୀ ନେଉଥିବା ପଦକ୍ଷେପ କୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଅତାମଳାରେ ମା ଶ୍ୟାମା କାଳିଙ୍କ ଭସାଣି



ଜଗତସିଂହପୁର,(ପି ଏନ): ଜଗତସିଂହପୁର ଅଧିନସ୍ଥ ଅତାମଳା ଗ୍ରାମରେ ୫ଦିନ ଧରି ପୂଜା ପାଉଥିବା ମା ଶ୍ୟାମା କାଳୀଙ୍କ ଗୁରୁବାର ରାତିରେ ବିସର୍ଜନ କରାଯିବାପରେ ଆଜି ସନ୍ଧ୍ୟାରେ ସମୟରେ ଅତାମଳା ଗ୍ରାମ ବାସିଙ୍କ ଦ୍ୱାରା ମେଢ଼କୁ ଏକ ଶୋଭାଯାତ୍ରାରେ ଢୋଲ ବାଦ୍ୟ ମାଦଳ ବଜେଇ ଅତାମଳାରୁ ବାହାରି ଅଳକା ନଦୀ ଘାଟରେ ମା ଶ୍ୟାମା କାଳୀଙ୍କୁ ବିସର୍ଜନ କରାଯାଇଥିଲା। ଏହି ଅବସରରେ ଗତ ୫ଦିନ ଧରି ଅତାମଳା ଓ ଯଶୋବନ୍ତପୁର ଗ୍ରାମ ଉଛବ ମୁଖର ହୋଇ ଉଠିଥିଲା। ସମସ୍ତ କାର୍ଯ୍ୟକ୍ରମଙ୍କୁ କମିଟିର ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନ ଓ ଅତାମଳା ଯଶୋବନ୍ତପୁର ଗ୍ରାମର ଯୁବକମାନେ ପରିଚାଳନା କରିଥିଲେ। ଏହି ମନଙ୍କ ମଧ୍ୟରେ ପ୍ରମୋଦ ମହାପାତ୍ର,ପ୍ରଶାନ୍ତ ମାଝି,ବୁଲୁ ମାଝି, ଉଲସନ ମହାନ୍ତି,ସନ୍ତୋଷ ନାୟକ, ଲକ୍ଷ୍ମୀଧର ପ୍ରଧାନ, ପୂର୍ଣ୍ଣ ପ୍ରକାଶ ସାହୁ, ରାକେଶ ପ୍ରଧାନ, ବିନୋଦ ବେହେରା, ଭଗବାନ ଭୋଇ,ସୁବ୍ରଜିତ ମହାନ୍ତି,କିସାନ ଭୋଇ, ଆଗତ ପତି, ଅକ୍ଷୟ ପ୍ରଧାନ, ତପୁ ମଲ୍ଲିକ, କାଳନ୍ଦୀ ପ୍ରଧାନ ଉପସ୍ଥିତ ରହି ମାଙ୍କୁ ମେଲାଣି ଦେଇଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray